**ମା'ଙ୍କୁ ମାଡ଼ ଅଭିଯୋଗ**

**ବଇଣ୍ଡା,(ପରିକ୍ଷିତ ସାହୁ):** କିଶୋରନଗର ଥାନା ଛେଳିଖାଇ ଗ୍ରାମର ରଇବାରି ବେହେରାଙ୍କୁ ତାଙ୍କ ପୁଅ ବିନୋଦ ବେହେରା ମାଡ଼ ମାରିଥିବା ଶୁକ୍ରବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନମ୍ବର ୩୭/୨୩ ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ରଇବାରିଙ୍କୁ ବିନୋଦ ଖାଇବାକୁ ନ ଦେଇ ପ୍ରତ୍ୟେକ ଦିନ ମାଡ଼ ମାରୁଛନ୍ତି। ଅସହ୍ୟ ଯନ୍ତ୍ରଣା ଅନୁଭବ କରିବା ପରେ ରାଇବାରି ଥାନାରେ ଅଭିଯୋଗ କରିଛନ୍ତି।

# ଅନୁଗୋଳ ଜିଲାରେ ବନ୍ଦ ପାଳନ, ଯାତାୟାତ ବାଧାପ୍ରାପ୍ତ



ଚାଷୀ, ଶ୍ରମିକ ସଙ୍ଗଠନ ମିଳିତ ମଞ୍ଚ ପକ୍ଷରୁ ଅନୁଗୋଳ ସହରରେ ଶୁକ୍ରବାର ଭାରତ ବନ୍ଦ ପାଳନ ବେଳେ ଶୋଭାଯାତ୍ରା କରାଯାଉଛି।



ତାଳଚେରରେ ବନ୍ଦ ପାଳନ ସମୟର ଦୃଶ୍ୟ।

ଅନୁଗୋଳ,୧୬।୨(ଅମିତ କୁମାର ସାମଲ)/ ଆଠମଲ୍ଲିକ (ଉଦୀପ୍ତ ପୁରୋହିତ)/ ତାଳଚେର (ମନୋଜ ନନ୍ଦ)

ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଶୁକ୍ରବାର ଦେଶବ୍ୟାପୀ ଗ୍ରାମୀଣ ବନ୍ଦ ଓ ଶିଳ୍ପ ଧର୍ମଘଟ ପାଳନ କରାଯାଇଥିବା ବେଳେ ଏହାର ପ୍ରଭାବ ଅନୁଗୋଳରେ ଦେଖିବାକୁ ମିଳିଛି। ଏହି ଭାରତ ବନ୍ଦ ଡାକରାକୁ କଂଗ୍ରେସ ସମର୍ଥନ ଜଣାଇଥିବା ବେଳେ ବହୁ ସଙ୍ଗଠନ ଏଥିରେ ସାମିଲ ହୋଇଥିଲେ। ହୁଲୁରସିଂହା ଛକଠାରେ ଟାୟାର ଜାଳି ଜାତୀୟ ରାଜପଥକୁ ଜିଲା କଂଗ୍ରେସ କମିଟି ପକ୍ଷରୁ ଅବରୋଧ କରାଯାଇଥିଲା। ସେହିପରି ବଅଁରପାଳ, ତୁରଙ୍ଗ, ବନ୍ତଲା ଛକ, ମାଳତି ଆଶ୍ରମ ଛକ ସହ ବିଭିନ୍ନ ଛକରେ ବନ୍ଦ ପାଳନ ବେଳେ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ଭାବେ ବାଧାପ୍ରାପ୍ତ ହୋଇଥିଲା। ଏଥିସହ ଜିଲା କାର୍ଯ୍ୟାଳୟ, ବିଭିନ୍ନ ବ୍ୟାଙ୍କ, ସରକାରୀ ଦପ୍ତର, ଦୋକାନ ବଜାରକୁ କଂଗ୍ରେସ ପକ୍ଷରୁ ବନ୍ଦ ଟରାଯାଇଥିଲା। ଜିଲା କଂଗ୍ରେସ କମିଟି ସଭାପତି ସଂଗ୍ରାମ ମିଶ୍ରଙ୍କ ନେତୃତ୍ୱରେ ଏହି ବନ୍ଦ ପାଳନ ବେଳେ ପ୍ରଦେଶ କଂଗ୍ରେସ କମିଟି କାର୍ଯ୍ୟକାରିଣୀ ସଦସ୍ୟ ଅମ୍ବିକା ପ୍ରସାଦ ଭଞ୍ଜ, ଓବିସି ସେଲ୍ ସଭାପତି ପ୍ରବୋଧ କୁମାର ସ୍ୱାଇଁ, ପିସିସି ମେମ୍ବର ଜୟନ୍ତ ସାହୁ, ବଲବୀର ସିଂହ, ଲୁଲୁ ପାଣିଗ୍ରାହୀ, ପ୍ରଦ୍ୟୁମ୍ନ କୁମାର ସାହୁ, ମାନସ ରଞ୍ଜନ ବିଶାଳ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଚାଷୀ, ଶ୍ରମିକ ସଙ୍ଗଠନ ମିଳିତ ମଞ୍ଚ ପକ୍ଷରୁ ସହରରେ ଶୋଭାଯାତ୍ରା କରାଯିବା ସହ ପୁରୁଣା ବସ୍‌ଷ୍ଟାଣ୍ଡ ଠାରେ ପଥପ୍ରାନ୍ତ ସଭା କରାଯାଇଥିଲା। ଏହି ଧର୍ମଘଟକୁ ଜିଲାର ଗ୍ରାମାଞ୍ଚଳ, ଶିଳ୍ପସଂସ୍ଥା, ଅଫିସ ଦପ୍ତରରେ କାର୍ଯ୍ୟରତ ଶ୍ରମିକ, କର୍ମଚାରୀ ଓ ସହରର ବ୍ୟବସାୟୀମାନେ ସମର୍ଥନ ଦେଇଥିବାରୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ଏହି ଧର୍ମଘଟରେ ଏଆଇୟୁଟିୟୁସି ପକ୍ଷରୁ ବ୍ରଜବନ୍ଧୁ ସାହୁ, ପ୍ରତିମା ବେହେରା, ସିଆଇଟିୟୁ ପକ୍ଷରୁ ଡ. ଉପେନ୍ଦ୍ର ଶର୍ମା, ମହେନ୍ଦ୍ର ସାହୁ, ବିଶ୍ୱଜିତ୍ ସାହୁ, ବସନ୍ତ ପଟ୍ଟନାୟକ, ଏଆଇସିସିଟିୟୁ ପକ୍ଷରୁ ତପନ ମହାନ୍ତି, ଆଇଏନ୍‌ଟିୟୁସି ପକ୍ଷରୁ ଦିଗାମ୍ବର ଗଡନାୟକ, ଦେବାଶିଷ ଘୋଷ, ଏଚ୍‌ଏମ୍‌ଏସ୍ ପକ୍ଷରୁ ପବିତ୍ର ବିଶ୍ୱାଳ, ଏଆଇକେକେଏମ୍‌ଏସ୍ ପକ୍ଷରୁ ସୁବାସ ପ୍ରଧାନ, ନବକିଶୋର ପ୍ରଧାନ, କୁମର ସାହୁ, ସଞ୍ଜୟ ସାହୁ, ଡିୱାଇଓ ପକ୍ଷରୁ ମାନସ ପାଳ, ନିରଞ୍ଜନ ନାୟକ, ଛାତ୍ର ସଙ୍ଗଠନ ଡିଏସ୍‌ଓ ପକ୍ଷରୁ ନାରାୟଣ ନାୟକ ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ଅନୁଗୋଳ ଜିଲା କୃଷକ କଂଗ୍ରେସ ସଭାପତି ଦାସରଥି ସାହୁ ଓ ତାଳଚେର ବ୍ଲକ କଂଗ୍ରେସ ସଭାପତି ବିଚ୍ଛନ୍ଦ ସାମଲଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ ତାଳଚେରଠାରେ ବନ୍ଦ ପାଳନ କରିଥିଲେ। ୧୪୯ ନଂ ଜାତୀୟ ରାଜପଥର ବହ୍ଲର ଛକ ଓ ୫୩ ନଂ ଜାତୀୟ ରାଜପଥରେ କଂଗ୍ରେସ କର୍ମୀମାନେ ପିକେଟିଂ କରିଥିଲେ। ଏହି ପ୍ରତିବାଦ ସଭାରେ ପୂର୍ବତନ ନଗରପାଳ କେଶବ ଭୂତିଆ, ଜିଲା କଂଗ୍ରେସ ସେବାଦଳ ଅଧ୍ୟକ୍ଷ ସୌମ୍ୟ ସଞ୍ଜୀବ ମିଶ୍ର, ଅନୁଗୋଳ ଜିଲା ମିଡିଆ ସେଲ୍ ଅଧ୍ୟକ୍ଷ ମୁକେଶ ଅଗ୍ରୱାଲା, ପ୍ରଫୁଲ୍ଲ ଦାସ, ପ୍ରବୀଣ ଦାସ, ପ୍ରଦୀପ ମହାରଣା, ଗଣପତି ସାହୁ, ସଂଗ୍ରାମ କେଶରୀ କୁଅଁର, ବିରଞ୍ଚି ଦାସ, ପ୍ରମୋଦ ବେହେରା, ସନ୍ତୋଷ ମହାରଣା, ଜଗବନ୍ଧୁ ସାମଲ, ନିରଞ୍ଜନ ସାହୁ, ଗୌତମ ବେହେରା, ରାଜକିଶୋର ସାହୁ ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ଆଠମଲ୍ଲିକର ହରିଡ଼ାନାଳୀ ଛକଠାରେ ଅନୁଗୋଳ ଓ ଆଠମଲ୍ଲିକ ମୁଖ୍ୟ ରାସ୍ତା ଅବରୋଧ କରାଯାଇଥିଲା। ଅଖିଳ ଭାରତ କିଷାନ ମଜଦୁର ସଭା ଓ ସର୍ବଭାରତୀୟ ଶ୍ରମିକ ସଙ୍ଗଠନ, ଆଇଏଫଟିୟୁ ପକ୍ଷରୁ ଏହି କାର୍ଯ୍ୟକ୍ରମରେ ଏଆଇକେଏମ୍‌ଏସ୍‌ର ଜିଲା ସମ୍ପାଦକ ଧର୍ମେନ୍ଦ୍ର ବେହେରା ନେତୃତ୍ୱ ନେଇଥିଲେ। ଆଠମଲ୍ଲିକରେ ଏକ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ନେଇ ଦାବି କରି କଂଗ୍ରେସ ଆନ୍ଦୋଳନରେ ସାମିଲ ହୋଇଥିଲା। ନଗର କଂଗ୍ରେସ କମିଟି ସଭାପତି କମଳାକାନ୍ତ ପ୍ରଧାନଙ୍କ ନେତୃତ୍ୱରେ ଜିଲା ସାଧାରଣ ସମ୍ପାଦକ ରାମାନନ୍ଦ ପାଣିଗ୍ରାହୀ, ଦେବବ୍ରତ ପ୍ରଧାନ, ଅଜିତ ମହାନ୍ତି, ଟୁନୁ ଖାଁ, ଅନିଲ କୁମାର ପାଣିଗ୍ରାହୀ ପ୍ରମୁଖ ସାମିଲ ହୋଇଥିଲେ।


ଅନୁଗୋଳ ଜିଲା କଂଗ୍ରେସ କମିଟି ପକ୍ଷରୁ ରାଜପଥ ଅବରୋଧ କରାଯାଇଛି।


ଅନୁଗୋଳ ଜିଲା ଆଠମଲ୍ଲିକଠାରେ ବନ୍ଦ ପାଳନ କରାଯାଉଛି।

# ପୌରାଞ୍ଚଳରେ ଶିଶୁ ପ୍ରତିଭା କାର୍ଯ୍ୟକ୍ରମ

ତାଳଚେର,୧୬।୨ (ମନୋଜ ନନ୍ଦ)

ଅନୁଗୋଳ ଜିଲା ତାଳଚେର ପୌରାଞ୍ଚଳର ୧୨ ନମ୍ବର ୱାର୍ଡ ଅନ୍ତର୍ଗତ ରେମୁଆଁ ବସ୍ତି ଉନ୍ନୟନ ସଂଘ ପକ୍ଷରୁ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନ୍ତର୍ଗତ ଶିଶୁ ପ୍ରତିଭା କାର୍ଯ୍ୟକ୍ରମ ପରିଚୟ ଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୨ ନମ୍ବର ୱାର୍ଡ କାଉନସିଲର ସଞ୍ଜୀବ ଗଡ଼ନାୟକ, ୧୩ ନଂ. ୱାର୍ଡ କାଉନସିଲର ରୂପଶ୍ରୀ ସ୍ୱାଇଁ, ପରିଷଦ ସିଇଓ ପ୍ରୀତିନନ୍ଦା ପ୍ରଧାନ ଏବଂ ସିଏମ୍‌ଏମ୍ ରଶ୍ମିକାନ୍ତ ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଛୋଟ ଛୋଟ ପିଲାମାନଙ୍କ ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ସହ ତାହାର ବିକାଶ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ବକ୍ତାମାନେ ପ୍ରକାଶ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ବହୁ ସଂଖ୍ୟାରେ ପିଲାମାନେ ଭାଗ ନେଇଥିଲେ। ଏଥିରେ କୃତିତ୍ୱ ଲାଭ କରିଥିବା ପ୍ରତିଯୋଗୀମାନଙ୍କୁ



ଏସ୍‌ଡିଆର୍ ସଭାନେତ୍ରୀ ମଞ୍ଜୁଲତା ଦାସ, କୋଷାଧ୍ୟକ୍ଷା ସୀତା ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିବା ସହ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପୌର ଅତିଥିଗଣ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସ୍ୱଚ୍ଛସାଥୀ ସୁପରଭାଇଜର ଅଙ୍କିତା ନନ୍ଦ, ଦୀପାଳି ଏବଂ ସ୍ୱଚ୍ଛ ସାଥୀ ଲିଲିଲତା ପ୍ରଧାନ, ସାମାଜିକ କର୍ମୀ ଟିକେନ ନାଏକ, କୁନା ରଥ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।



ଅନୁଗୋଳ ଜିଲା କଣିହାଁଠାରେ ଶୁକ୍ରବାର ଭାରତ ବନ୍ଦ ପାଳନ କରାଯାଉଛି।

# ଜାମୁଡୋଲିକୁ ହରାଇ ଫାଇନାଲରେ ବାହାଲି



ଆଠମଲ୍ଲିକ,୧୬।୨ (ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ବ୍ଲକ ଅଏଡ଼ା ପଞ୍ଚାୟତ ଅନ୍ତପାଲି ଗ୍ରାମ ଖେଳ ପଡ଼ିଆରେ ଲାୟନ୍ସ କ୍ଲବ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟର ସେମି ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜାମୁଡୋଲି ଓ ବାହାଲି ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ବ୍ୟାଟିଂ କରି ଜାମୁଡୋଲି ୯୭ ରନ ସଂଗ୍ରହ କରିଥିବା ବେଳେ ବାହାଲି ୯୯ ରନ କରି ଫାଇନାଲ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଥିଲା। ପ୍ରଭୁଦତ୍ତ ପ୍ରଧାନ ଏବଂ ଗଗନ କୁମାର ସାହୁ ଖେଳ ପରିଚାଳନା କରିଥିଲେ। ଦେବାଶିଷ ପ୍ରଧାନ ଧାରା ବିବରଣୀ ପ୍ରଦାନ କରିଥିଲେ। ଅତିଥି ଭାବେ ସାମାଜିକ କର୍ମୀ ବିନୟ କୁମାର ପଟ୍ଟନାୟକ ଯୋଗଦେଇ ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସଭାପତି ପ୍ରଭଞ୍ଜନ ପ୍ରଧାନ, ସମ୍ପାଦକ ପ୍ରଭୁଦତ୍ତ ପ୍ରଧାନ, ତାପସ ସାହୁ, ବିମଳ କୁମାର ସାହୁ, ପ୍ରକାଶ ବାରିକ, ସରୋଜ ଡାଙ୍ଗ, ପ୍ରବୀଣ ସାହୁ, ହେମନ୍ତ ଭୁକ୍ତା, ସୌମ୍ୟ ରଞ୍ଜନ ସାହୁଙ୍କ ସମେତ ଲାୟନ୍ସ କ୍ଲବ୍‌ର ସମସ୍ତ ସଦସ୍ୟ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

## ଶିବମନ୍ଦିର ପ୍ରତିଷ୍ଠା ପାଇଁ ବୈଠକ

ବଇଣ୍ଡା,୧୬।୨(ପରିକ୍ଷିତ ସାହୁ)

ଆଠମଲ୍ଲିକ ବ୍ଲକ ଆମ୍ବସରମୁଣ୍ଡା ପଞ୍ଚାୟତ ବନ୍ଧଗାଁ ଗ୍ରାମରେ ନିର୍ମାଣ ହୋଇଥିବା ଶିବମନ୍ଦିର ଆସନ୍ତା ୨୨ ତାରିଖରେ ପ୍ରତିଷ୍ଠା ହେବ। ଏ ନେଇ ଗ୍ରାମବାସୀଙ୍କ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଦେବାର୍ଚ୍ଚନ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପୁରନ୍ଦର ନାୟକ, ଦିବାକର ନାୟକ, କୁମରମଣୀ ନାୟକ, ଶଶାଙ୍କ ଶେଖର ପ୍ରଧାନ, ତାପସ ପ୍ରଧାନ, ଦିଲୀପ ସାହୁ, ଦେବହରି ପ୍ରଧାନ, ରମାକାନ୍ତ ସାହୁ, ତ୍ରିଲୋଚନ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଭକ୍ତଙ୍କ ଭିଡକୁ ଦେଖି ସମସ୍ତଙ୍କ ପାଇଁ ପ୍ରସାଦସେବନର ବ୍ୟବସ୍ଥା କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏ ନେଇ ପ୍ରଥମେ କଳସ ଯାତ୍ରା କରାଯିବ ବୋଲି ଆଲୋଚନା କରାଯାଇଛି।

# ଦୁର୍ଘଟଣାରେ ଶିଶୁ ମୃତ, ଉତ୍ତେଜନା



ଆଠମଲ୍ଲିକ,୧୬।୨ (ଉଦୀପ୍ତ ପୁରୋହିତ)

ଅନୁଗୋଳ ଜିଲା ଆଠମଲ୍ଲିକ ଥାନା ଅଧୀନ ମାଳିପଦର ଗ୍ରାମରେ ଶୁକ୍ରବାର ଏକ ପିକ୍‌ଅପ୍ ଧକ୍କାରେ ଶିଶୁ ତନ୍ମୟ ବେହେରା (୩)ଙ୍କ ମୃତ୍ୟୁ ହୋଇଛି। ଆଠମଲ୍ଲିକ-କିଆକଟା ରାଜ୍ୟ ରାଜପଥରେ କିଆକଟା ପାର୍ଶ୍ୱରୁ ଆସୁଥିବା ଏକ ପିକଅପ୍ ଭ୍ୟାନ୍ ଏହି ଦୁର୍ଘଟଣା ଘଟାଇଛି। ଏହାକୁ ନେଇ ଦୁର୍ଘଟଣାସ୍ଥଳରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଗାଁର ଉଭୟ ପାର୍ଶ୍ୱରେ ହମ୍ପସ ନିର୍ମାଣ ଓ ମୃତ ଶିଶୁଙ୍କ ପରିବାରକୁ ଉଚିତ କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ସହସ୍ରାଧିକ ଗାଡ଼ି ଅଟକି ରହିଥିଲା। ଖବରପାଇ ବିଡିଓ ସୌଭାଗ୍ୟ ବେହେରା, ସହକାରୀ ଜିଲାପାଳ ତନ୍ମୟ ରଞ୍ଜନ ପାତ୍ର ଓ ଥାନା ଆଇଆଇସି ଚିତ୍ତରଞ୍ଜନ ବେହେରା, ଏସ୍‌ଆଇ ଚଞ୍ଚଳା ନାଏକ, ଏସ୍‌ଆଇ ବ୍ରହ୍ମାନନ୍ଦ ସାହୁ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ରାସ୍ତା ଅବରୋଧ ହଟି ନ ଥିଲା। ଅପରାହ୍ନ ୪ଟାରେ ଉପଜିଲାପାଳ ଡ. ଜିତେନ୍ଦ୍ର କୁମାର ପାତ୍ର ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କ ସହିତ ଆଲୋଚନା କଲା ପରେ ରାସ୍ତା ଅବରୋଧ ହଟିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେବା ସହିତ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଛେଣ୍ଡିପଦା, କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ରରେ କାୟାକଳ୍ପ ଟିମ୍







ଛେଣ୍ଡିପଦା,୧୬।୨(ଅଜିତ ଧଳ) /କଣିହାଁ–(ସଚ୍ଚିଦାନନ୍ଦ ପ୍ରଧାନ)

ଛେଣ୍ଡିପଦା ବ୍ଲକ ସଦର ମହାକୁମାରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଶୁକ୍ରବାର ଭୁବନେଶ୍ୱର ସ୍ୱାସ୍ଥ୍ୟବିଭାଗ କାର୍ଯ୍ୟାଳୟର ୩ ଜଣିଆ କାୟାକଳ୍ପ ଟିମ୍ ପହଞ୍ଚି ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିବା ସହିତ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଭୁବନେଶ୍ୱର ସ୍ୱାସ୍ଥ୍ୟ ବିଭାଗ ଡାକ୍ତର ଶୁଭ୍ରଜ୍ୟୋତି ରାଓ, ବସନ୍ତ ସାହୁ, ସମରେଶ୍ୱର ସାହୁ, ଅନୁଗୋଳ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରର ସହକାରୀ ପରିଚାଳକ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ସଫେଇ ପରିଚାଳନା ବ୍ୟବସ୍ଥାର ସ୍ଥିତି ଦେଖିଥିଲେ। ଏହାପରେ ଏହି ଦଳ ଡାକ୍ତରଖାନାର ରକ୍ଷଣାବେକ୍ଷଣ, ପରିମଳ ଏବଂ ସ୍ୱଚ୍ଛତା, ଔଷଧ ବିତରଣ କେନ୍ଦ୍ର, ଔଷଧୀୟ ଉଦ୍ୟାନ, ବର୍ଜ୍ୟବସ୍ତୁ ପରିଚାଳନା, ସଂକ୍ରମଣ ନିୟନ୍ତ୍ରଣ, ସହାୟତା ସେବା, ରକ୍ତ ପରୀକ୍ଷାଗାର, ସ୍ୱଚ୍ଛତା ରକ୍ଷା ଏବଂ ନଥିପତ୍ର ଯାଞ୍ଚ କରିବା ସହିତ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଆଦି ପରିଦର୍ଶନ କରିଥିଲେ। ଏତଦ୍‌ବ୍ୟତୀତ ବ୍ଲକ ସ୍ୱାସ୍ଥ୍ୟ ପରିଚାଳନା ଅଧିକାରୀ ଡାକ୍ତର ଆଶିଷ କୁମାର ପାଣି, ସୁପରଭାଇଜର ସୁଚିତ୍ରା ସାହୁ, ଆକାଉଣ୍ଟାଣ୍ଟ ଉଷାରାଣୀ ସାହୁ, ଫାର୍ମାସିଷ୍ଟ ମଦନ ମୋହନ ସାହୁଙ୍କ ସମେତ ଅନ୍ୟ କର୍ମଚାରୀ ଓ ରୋଗୀମାନଙ୍କ ସହିତ ଆଲୋଚନା କରିଥିଲେ।

ସେହିପରି କଣିହାଁ ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ରାଜ୍ୟସ୍ତରୀୟ କାୟାକଳ୍ପ ଟିମ୍ ପରିଦର୍ଶନ କରିଥିଲେ। ଟିମ୍‌ରେ ଡାକ୍ତର ଶୁଭ୍ରଜ୍ୟୋତି ରାଓ, ବସନ୍ତ ସାହୁ, ସମରେଶ୍ୱର ସାହୁ ପ୍ରମୁଖ ସାମିଲ ଥିଲେ। ବର୍ଜ୍ୟବସ୍ତୁ ପରିଚାଳନା ସହିତ ସାମଗ୍ରିକ ବ୍ୟବସ୍ଥା ତଦାରଖ କରିଥିଲେ। କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଗକୁ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ପରାମର୍ଶ ଦେଇଥିଲେ। ଔଷଧୀୟ ଉଦ୍ୟାନର ସଂରକ୍ଷଣ ଓ ଉପକାରିତା ଦିଗରେ ଧ୍ୟାନ ଦେଇ ସେବା ଯୋଗାଇବା ପାଇଁ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସୁମନ୍ତ କୁମାର ପଟେଲ, ବିପିଏମ୍ ସରୋଜ ଦାସ, ବିଭାଗୀୟ ପଦାଧିକାରୀ ମନଜିତ୍ ସାହୁ, ଆୟୁଷ ଡାକ୍ତର ରାକେସ ମହାରଣା, ଦିଲୀପ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।


ଅନୁଗୋଳ ଜିଲାରେ ବନ୍ଦ ପାଳନ ବେଳେ ଶୁକ୍ରବାର ବସ୍‌ଷ୍ଟାଣ୍ଡରେ ବସ୍‌କୁ ଅପେକ୍ଷାରତ ଯାତ୍ରୀ।

# ମା' ଫଟାକାଞ୍ଜିଆ କ୍ରିକେଟ ଏରିନା ଉଦ୍‌ଘାଟିତ



ଅନୁଗୋଳ,୧୬।୨(ଅମିତ କୁମାର ସାମଲ)

ଅନୁଗୋଳ ଜିଲା ତୁଳସୀପାଳ ପଞ୍ଚାୟତ ଗୋଡିସାହିସ୍ଥିତ ମା' ଫଟାକାଞ୍ଜିଆ ଖେଳପଡିଆ ଠାରେ ଦ୍ୱିତୀୟ ମା' ଫଟାକାଞ୍ଜିଆ କ୍ରିକେଟ ଏରିନା ୨୦୨୪ ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ (ବସୁଧା)ର ଉପଦେଷ୍ଟା ତଥା ବିଜୁ ଯୁବ ଜନତା ଦଳ ଜିଲା ସଭାପତି ଦୀନେଶ ପ୍ରଧାନଙ୍କ ଅଜା ତଥା ଯବାନ ସ୍ୱର୍ଗତ ଦିବାକର ପ୍ରଧାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯାଇଛି। ଏହାକୁ ବିଜୁ ଯୁବ ଜନତା ଦଳ ଜିଲା ସଭାପତି ଦିନେଶ ପ୍ରଧାନ ଶୁଭ ଉଦ୍‌ଘାଟନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଭାଗ ନେଇଛନ୍ତି। ଉଦ୍‌ଘାଟନୀ ମ୍ୟାଚ ଖଣ୍ଡହତା ଓ ବୁଢ଼ାପଙ୍କ ଦଳ ଭିତରେ ଖେଳାଯାଇଥିଲା। ଦ୍ୱିତୀୟ ମ୍ୟାଚ ଗିରାଙ୍ଗ ଓ ସାନଯୋରଡା ମଧ୍ୟରେ ହୋଇଥିଲା। ଏଥିରେ ବୁଢ଼ାପଙ୍କ ଓ ଗିରାଙ୍ଗ କ୍ରିକେଟ ଦଳ ବିଜୟୀ ହୋଇ କ୍ୱାର୍ଟର ଫାଇନାଲକୁ ଯାଇଥିଲା। ମୁଖ୍ୟ ଅତିଥି ଭାବେ ବଅଁରପାଳ ବ୍ଲକର ପୂର୍ବତନ ବ୍ଲକ ଅଧ୍ୟକ୍ଷ ନିର୍ମଳ ଗଡ଼ନାୟକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଜେଡି ଜିଲା ଉପସଭାପତି ବାଉରୀ ବନ୍ଧୁ ସାହୁ, ତୁଳସୀପାଳ ସରପଞ୍ଚ ସୁନୀତା ସେଠୀ ଓ ସମିତିସଭ୍ୟ କର୍ଣ୍ଣ ଗୋଛାୟତ, ବନ୍ଧା ସମିତିସଭ୍ୟ ଦୁଷ୍ମନ୍ତ ଗଡନାୟକ, ବୁଢ଼ାପଙ୍କ ସମିତିସଭ୍ୟ ବାବୁନ ବେହେରା, ବରିଷ୍ଠ ବିଜେଡି ନେତା ପ୍ରଶନ୍ନ ବିଶ୍ୱାଳ, ଭଜମନ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଦିବାକର ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

# ପ୍ରଥମ ଦିନରେ ମାତୃଭାଷା ପରୀକ୍ଷା ଦେଲେ ଛାତ୍ରୀଛାତ୍ର

ଅନୁଗୋଳ,୧୬।୨(ଅମିତ କୁମାର ସାମଲ)/ ଆଠମଲ୍ଲିକ (ଉଦୀପ୍ତ ପୁରୋହିତ)/ ବଇଣ୍ଡା (ପରିକ୍ଷିତ ସାହୁ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ +୨ ବାର୍ଷିକ ପରୀକ୍ଷା ଶୁକ୍ରବାରଠାରୁ ଅନୁଗୋଳ ଜିଲାରେ ଆରମ୍ଭ ହୋଇଛି। ପ୍ରଥମ ଦିନରେ ବିଜ୍ଞାନ ବିଭାଗର ମାତୃଭାଷା ଓଡ଼ିଆ ପରୀକ୍ଷା ହୋଇଥିଲା। ସକାଳ ୧୦ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ପରୀକ୍ଷା ଚାଲିଥିଲା। ଏଥିପାଇଁ ୩୦ ମିନିଟ୍ ପୂର୍ବରୁ ପରୀକ୍ଷାର୍ଥୀମାନେ ପରୀକ୍ଷା କେନ୍ଦ୍ରରେ ପହଞ୍ଚିଥିଲେ। ୧୫ ମିନିଟ ପୂର୍ବରୁ ପରୀକ୍ଷା ହଲ୍‌କୁ ସେମାନଙ୍କୁ ଛଡ଼ାଯାଇଥିଲା। ପରୀକ୍ଷାକୁ ସୁଚାରୁ ରୂପେ କରିବା ପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ନିର୍ଦ୍ଦେଶକ୍ରମେ ସମସ୍ତ ବ୍ୟବସ୍ଥା କରାଯାଇଛି। ଉତ୍ତର ଖାତାରେ ରୋଲ ନମ୍ବର, ପଞ୍ଜୀକରଣ ନମ୍ବର ଠିକ୍ ଭାବରେ ଠିକ୍ ଜାଗାରେ ଲେଖିବା ସହ ପ୍ରଶ୍ନପତ୍ରର ସେଟ କୋଡ୍ ନିର୍ଭୁଲ ଭାବରେ ଲେଖିବା ଏବଂ ଆଡମିଟ କାର୍ଡ ବ୍ୟତୀତ ଅନ୍ୟ ଜିନିଷ ବର୍ଜନୀୟ ବୋଲି ପୂର୍ବରୁ ପରୀକ୍ଷାର୍ଥୀଙ୍କୁ ସୂଚନା ଦିଆଯାଇଥିବା ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ଗଙ୍ଗାଧର କର ସୂଚନା ଦେଇଛନ୍ତି। ସେହିପରି ଆଠମଲ୍ଲିକ ମହାବିଦ୍ୟାଳୟରେ ୫୯ ଛାତ୍ରୀଛାତ୍ର ଏହି ପରୀକ୍ଷା ଦେଉଛନ୍ତି। ସୁପରିଣ୍ଟେଣ୍ଡେଣ୍ଟ ଭାବେ ଅଧ୍ୟାପକ ବ୍ରଜ ଗୋପାଳ ମିଶ୍ର, ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଭାବରେ ଅଧ୍ୟାପିକା ସିଲିଭା ସାହୁ, ପର୍ଯ୍ୟବେକ୍ଷକ ଭାବରେ (ଏଇଇ) ସୁବାସ ଚନ୍ଦ୍ର ରଥ ଦାୟିତ୍ୱ ତୁଲାଇଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା କରିବା ନିମନ୍ତେ ପୋଲିସ ବାହିନୀ ନିୟୋଜିତ ହୋଇଥିଲେ। ସୂଚନାଥାଉ କି ଆଠମଲ୍ଲିକ କଲେଜ ହବ ସେଣ୍ଟର ଅଧୀନରେ ୫ଟି କଲେଜର ପ୍ରଶ୍ନପତ୍ର କଡ଼ା ସୁରକ୍ଷା ମଧ୍ୟରେ ରହିଛି। ସେହିପରି ହବ ସୁପର ଭାଇଜର ଭାବରେ କଲେଜ ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ମେହେର, ସହ ସୁପରଭାଇଜର ଭାବରେ ଅଧ୍ୟାପକ ମାନ ଭଞ୍ଜନ ପାଣିଗ୍ରାହୀ, ଡ୍ରିଲିଙ୍ଗ ଆସିଷ୍ଟାଣ୍ଟ ଭାବରେ ମୁଖ୍ୟ କିରାଣି ଭୁବନମୋହନ ତ୍ରିପାଠୀ ପରୀକ୍ଷା ପରିଚାଳନାରେ ସହଯୋଗ କରିଥିଲେ ।ସେହିପରି କିଶୋରନଗର ଓ ବଇଣ୍ଡା କଲେଜରେ ୧୦୩ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ଜନତା ମହାବିଦ୍ୟାଳୟରେ ୮୩ ଜଣଙ୍କ ମଧ୍ୟରୁ ୮୧ ଜଣ ପରୀକ୍ଷା ଦେଇଥିଲେ। ପର୍ଯ୍ୟବେକ୍ଷକ ଭାବେ ବଇଣ୍ଡା ରାଜସ୍ୱ ନିରୀକ୍ଷକ ରଞ୍ଜିତା ସାହୁଙ୍କ ଉପସ୍ଥିତିରେ ଷ୍ଟ୍ରଙ୍ଗ ରୁମରୁ ପ୍ରଶ୍ନପତ୍ର ଅଣାଯାଇଥିଲା। ସୁପରିଟେଣ୍ଡେଣ୍ଟ କାଳନ୍ଦୀ ଚନ୍ଦ୍ର ପ୍ରଧାନ, ଡେପୁଟି ସୁପରିଟେଣ୍ଡେଣ୍ଟ ନିରଞ୍ଜନ ଦାସ ପରୀକ୍ଷା ହଲ୍ ଯାଞ୍ଚ କରିଥିଲେ। କିଶୋରନଗର କଲେଜରେ ୨୨ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସୁପରିଣ୍ଟେଣ୍ଡେଣ୍ଟ ଭାବେ ସୁଶାନ୍ତ କୁମାର ପ୍ରଧାନଙ୍କୁ ନିଯୁକ୍ତି କରାଯାଇଥିଲା।



# ଜିଲା କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ



କୃଷକ ଆନ୍ଦୋଳନ ସମର୍ଥନରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ଢେଙ୍କାନାଳ,୧୬।୨(ରତନ ନାୟାର)**

ଦେଶବ୍ୟାପୀ କରାଯାଉଥିବା କୃଷକ ଆନ୍ଦୋଳନ ସମର୍ଥନରେ ଶୁକ୍ରବାର ଇଣ୍ଡିଆ ମେଣ୍ଟର ନେତୃମଣ୍ଡଳୀମାନଙ୍କ ସହଯୋଗରେ ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଜିଲା କଂଗ୍ରେସର ନବନିଯୁକ୍ତ ସଭାପତି ସୁନୀଲ ଦାଶଙ୍କ ସଭାପତିତ୍ୱରେ ଏହି ଆନ୍ଦୋଳନରେ ମହିଳା କଂଗ୍ରେସ ସଭାପତି ସ୍ମିତାରାଣୀ ସାମଲ, ବରିଷ୍ଠ ନେତା ରୁଦ୍ର ପ୍ରକାଶ ଶରଣ, ଡା. ତୁଷାରକାନ୍ତି ନାୟକ, ମହମ୍ମଦ ସମୀର, ନିଶାକର ସାହୁ, ରବେନା ବେଗମ, ଅଜେନ୍ଦ୍ର ସାମଲ, ଯୁବ କଂଗ୍ରେସ ସଭାପତି ଶୁଭମ ଦାଶ, ଛାତ୍ର କଂଗ୍ରେସ ସଭାପତି ହିତେଶ କୁମାର ହୋତା, ସମତାକ୍ରାନ୍ତି ଦଳ ରାଜ୍ୟ ସମ୍ପାଦକ ସରୋଜ ଶତପଥୀ, ଏଏପି ସଭାପତି ପଙ୍କଜ ନାୟକ, ସିପିଏମ୍ ଜିଲା ଆବାହକ ସର୍ବଜ୍ଞ ସାହୁ, ଉଫୁନା ସଭାପତି ମନୋରଞ୍ଜନ ପଟ୍ଟନାୟକ, ସିପିଆଇ ଜିଲା ଆବାହକ ରବି ରଥ ପ୍ରମୁଖ ଯୋଗ ଦେଇଥଲେ।

## ଯୁକ୍ତ ୨ ପରୀକ୍ଷା ଦେଲେ ୧୦୮୧ ଛାତ୍ରୀଛାତ୍ର

**ଢେଙ୍କାନାଳ,୧୬।୨(ରତନ ନାୟାର)**

+୨ ପରୀକ୍ଷା ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ବେଳେ ଢେଙ୍କାନାଳ ଜୁନିଅର କଲେଜ ପରୀକ୍ଷା କେନ୍ଦ୍ରରେ ୬ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମେତ ଢେଙ୍କାନାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମୋଟ ୧୦୮୧ ପରାକ୍ଷାର୍ଥୀ ପରୀକ୍ଷା ଦେଉଛନ୍ତି। ତନ୍ମଧ୍ୟରେ ଢେଙ୍କାନାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବିଜ୍ଞାନରେ ୨୪୬, କଳାରେ ୨୪୯, ବାଣିଜ୍ୟରେ ୧୦୭ ଓ ଭୋକେସନାଲରେ ଜଣେ ପରାକ୍ଷାର୍ଥୀ ରହିଛନ୍ତି। ସେହିପରି ବିଦ୍ୟାର୍ଥୀ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨୦୫, ଭାର୍ଗବୀ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୪୧, ସାଇକୃପା ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୪୮, ବିଆଇଇଟି ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୯, ଇ-ଟେକ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨୮୬ ଓ ଅଧ୍ୟୟନ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୫ ଜଣ ପରୀକ୍ଷା ଦେଉଥିବା ସୂଚନା ପ୍ରଦାନ କରାଯାଇଛି।

# ଅଙ୍ଗନୱାଡ଼ି କର୍ମୀ ସଂଘର ଧର୍ମଘଟ

**ଢେଙ୍କାନାଳ,୧୬।୨(ରତନ ନାୟାର)**

କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ୍ ତଥା ଏଆଇଟିୟୁସିର ଆହ୍ୱାନ କ୍ରମେ ହେଉଥିବା ଦେଶବ୍ୟାପୀ ଧର୍ମଘଟରେ ନିଖିଳ ଓଡ଼ିଶା ଅଙ୍ଗନୱାଡି କର୍ମୀସଂଘ ଢେଙ୍କାନାଳ ସଦର ବ୍ଲକ କର୍ମକର୍ତ୍ତା ଓ ସଦସ୍ୟମାନେ ସାମିଲ ହୋଇ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ମଧ୍ୟାହ୍ନ ଭୋଜନ ପାଚିକା ସହାୟିକାମାନଙ୍କ ସଂଘ ତରଫରୁ ମଧ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ସେଠୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏଆଇଟିୟୁସି ସଭାପତି ଜମ୍ମେଶ୍ୱର ପୃଷ୍ଟିଙ୍କ ସଭାପତିତ୍ୱରେ ସମ୍ପାଦକ ନାରାୟଣ ନାୟକ, ନିଖିଳ ଓଡ଼ିଶା ଅଙ୍ଗନୱାଡି କର୍ମୀ ସଂଘର ସାଧାରଣ ସମ୍ପାଦିକା ହରପ୍ରିୟା ସ୍ୱାଇଁ, ବ୍ଲକ ସଭାପତି ସୁଜାତା ନାୟକ, ସମ୍ପାଦିକା ଭାରତୀ ନାଏକ, ପୂର୍ଣ୍ଣିମା ତ୍ରିପାଠୀ, ବିଷ୍ଣୁପ୍ରିୟା ବରାଳ, ସୁନିତା ବେହେରାଙ୍କ ସମେତ ମଧ୍ୟାହ୍ନ ଭୋଜନ ପାଚିକା ସଂଘର ଜିଲା ସଭାପତି ରବି ରଥ, ବ୍ଲକ ସଭାପତି ଶାନ୍ତିପ୍ରିୟା ସାହୁ, ସମ୍ପାଦିକା ଶୁଭାସିନୀ ବେହେରା, ସସ୍ମିତା ରାଉତଙ୍କ ସହିତ ଶତାଧିକ ଅଙ୍ଗନୱାଡି କର୍ମୀ ଯୋଗ ଦେଇଥିଲେ।



ଅଙ୍ଗନୱାଡି କର୍ମୀ ସଂଘର ଦିନିକିଆ ଧର୍ମଘଟ କରାଯାଉଛି।

# ୧୧ଶହ ଲିଟର ଦେଶୀ ମଦ ନଷ୍ଟ

**ଢେଙ୍କାନାଳ,୧୬।୨(ରତନ ନାୟାର)**

ଢେଙ୍କାନାଳ ଓ ଯାଜପୁର ଜିଲା ଅବକାରୀ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଶୁକ୍ରବାର ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରି ୪ ହଜାର ମହୁଲ ପୋଚ ଓ ୧୧ଶହ ଲିଟର ଦେଶୀ ମଦ ନଷ୍ଟ କରିଛନ୍ତି। ଜିଲାପାଳ ମନୋରଞ୍ଜନ ମଲ୍ଲିକ ଓ ଅବକାରୀ ଅଧୀକ୍ଷକଙ୍କ ନିର୍ଦ୍ଦେଶରେ ଅବକାରୀ କର୍ମଚାରୀମାନେ ଯାଜପୁର ଜିଲାର କନ୍ତିରା ଓ ଢେଙ୍କନାଳ ଜିଲାର କଣପାଳ, ମହୁଲପାଳ ଓ କାଶିପୁର ଅଞ୍ଚଳରେ ଏହି ଚଢ଼ାଉ କରିଥିଲେ। ଏଥିସହିତ ଅନ୍ୟ ଏକ ଘଟଣାରେ ୭୪ଲିଟର ଦେଶୀ ମଦ ସହ ଏକ ବାଇକ୍‌କୁ ମଧ ଜବତ କରାଯାଇଛି। ଏହି ଘଟଣାରେ କାମାକ୍ଷାନଗର ଅଞ୍ଚଳର ଛୁଟା ମଲ୍ଲିକ ଓ ପ୍ରବୀର ସାହୁଙ୍କୁ ଗିରଫ କରାଯାଇଥିବା ଅବକାରୀ ବିଭାଗ ସୂତ୍ରରୁ ଜଣାପଡିଛି।


ଅବକାରୀ ବିଭାଗର ଚଢାଉ କରାଯାଉଛି।

# ପୂର୍ବତନ ନଗରପାଳ ଇନ୍ଦ୍ରମଣି ବେହେରାଙ୍କ ପରଲୋକ

**ଢେଙ୍କାନାଳ,୧୬।୨(ରତନ ନାୟାର)**

ଢେଙ୍କାନାଳର ପୂର୍ବତନ ନଗରପାଳ ତଥା ବର୍ତ୍ତମାନର ଟାଉନ ବିଜେଡି ସଭାପତି ଇନ୍ଦ୍ରମଣି ବେହେରାଙ୍କ ଶୁକ୍ରବାର ମହାବୀର ବଜାରସ୍ଥିତ ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୬୬ବର୍ଷ ହୋଇଥିଲା। ସେ କିଛିଦିନ ହେବ ଅସୁସ୍ଥ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ପରିବାର ସଦସ୍ୟ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଖବରପାଇ ଏମ୍‌ପି ମହେଶ ସାହୁ, ପୌର ଉପାଧ୍ୟକ୍ଷ ପ୍ରକାଶଚନ୍ଦ୍ର କୁଅଁର, ବରିଷ୍ଠ ସରକାରୀ ଆଇନଜୀବୀ ପତିତପାବନ ମହାପାତ୍ର, ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ଦେବୀ ପ୍ରସାଦ ଭୂତିଆ, ଜିଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ, ରାଜ୍ୟ ମହିଳା ବିଜେଡି ଉପସଭାପତି ସାଇଶ୍ରୀ ପଟ୍ଟନାୟକ, ଜିଲା ମହିଳା ବିଜେଡି ସଭାପତି ସାଗରିକା ମିଶ୍ର, ଜିଲା ବିଜେଡି ସାଧାରଣ ସମ୍ପାଦକ ଦେବାଶିଷ ମିଶ୍ର, ଜିଲା ଛାତ୍ର ବିଜେଡି ସଭାପତି ସୁରଜ ମହାପାତ୍ର, ପୂର୍ବତନ ନଗରପାଳ ସୁଧାଂଶୁ କୁମାର ଦଳେଇଙ୍କ ସମେତ କଳାପରିଷଦ ନାଟ୍ୟ ଅନୁଷ୍ଠାନ, ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନର କର୍ମକର୍ତ୍ତା, ରାଜନୈତିକ ଦଳର ନେତୃବୃନ୍ଦ, ଆଇନଜୀବୀ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବିଧାୟକ ସୁଧୀର କୁମାର ସାମଲ ଗଭୀର ଶୋକବ୍ୟକ୍ତ କରିଥିଲେ। ସେହିପରି ଭାଜପା ପକ୍ଷରୁ ବରିଷ୍ଠ ନେତା ରୁଦ୍ର ନାରାୟଣ ପାଣି, ଜିଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର, ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର, ଅଞ୍ଜଳି ବେହେରା, ବିଭୂତି ପ୍ରଧାନ, ଶତ୍ରୁଘ୍ନ ଜେନା, ନିରୋଜ ନଳିନୀ ମହାଲିକ, ରାମଚନ୍ଦ୍ର ପାତ୍ର ଓ ସୁନୀଲ ଶର୍ମା ପ୍ରମୁଖ ଗଭୀର ଶୋକପ୍ରକାଶ କରିଥିଲେ। ସେହିପରି ଜିଲା ଓକିଲ ସଂଘ ସଭାପତି ଗୋପାଳ ଚନ୍ଦ୍ର ପାତ୍ର, ଜିଲା କଂଗ୍ରେସ ସଭାପତି ସୁନୀଲ ଦାଶ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଇନ୍ଦ୍ରମଣି ବେହେରା ୨୦୧୩ରୁ ୨୦୧୬ ପର୍ଯ୍ୟନ୍ତ ଢେଙ୍କାନାଳ ପୌରସଂସ୍ଥାର ନଗରପାଳ ରହିଥିଲେ। ସେ ଜଣେ ବିଶିଷ୍ଟ ମଞ୍ଚ ଅଭିନେତା ଭାବେ ରାଜ୍ୟ ଓ ଜାତୀୟସ୍ତରରେ ପୁରସ୍କୃତ ହୋଇଛନ୍ତି। ଏତଦ୍‌ବ୍ୟତୀତ ଟିଭି ସିରିଏଲ, ଓଡ଼ିଆ ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି। ତାଙ୍କ ମରଶରୀରକୁ ସହର ପରିକ୍ରମା କରି ବିଜେଡି କାର୍ଯ୍ୟାଳୟ ଓ ପୌର କାର୍ଯ୍ୟାଳୟ ଦେଇ ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ଅନ୍ତିମ ସଂସ୍କାର କରାଯାଇଥିଲା।


ଇନ୍ଦ୍ରମଣି ବେହେରା। (ଫାଇଲ ଫଟୋ)

## ଶ୍ରୀବିଷ୍ଣୁ ନୃସିଂହ ମହାଯଜ୍ଞ ନିମନ୍ତେ କଳସ ଯାତ୍ରା



**ଓଡ଼ାପଡ଼ା,୧୬।୨(ରଞ୍ଜିତ ନାୟକ)**

ଓଡ଼ାପଡ଼ା ବ୍ଲକ ଏକଘରିଆ ଗ୍ରାମସ୍ଥିତ ଭକ୍ତ କବି ଦୀନକୃଷ୍ଣ ଦାସଙ୍କ ସାଧନା ପୀଠଶରଣ ଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥ କଥାମୃତ ଓ ଚବିଶିବେଶ ପ୍ରଦର୍ଶନୀ ମହୋତ୍ସବ ଓ ବିଶ୍ୱଶାନ୍ତି ଶ୍ରୀବିଷ୍ଣୁ ନୃସିଂହ ମହାଯଜ୍ଞ ନିମନ୍ତେ ଶୁକ୍ରବାର କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଗ୍ରାମର ଶତାଧିକ ମହିଳା ବ୍ରାହ୍ମଣୀ ନଦୀରୁ କଳସରେ ପାଣି ଉଠାଇ ଯଜ୍ଞ ସ୍ଥଳୀରେ ସ୍ଥାପନା କରିଥିଲେ। ହରିବୋଲ ହୁଳହୁଳିରେ ସମଗ୍ର ଅଞ୍ଚଳ ଆଧ୍ୟାତ୍ମିକ ହୋଇଥିଲା। ୧୯ ତାରିଖରେ ପୂର୍ଣ୍ଣାହୁତି ପୁଷ୍ପାଞ୍ଜଳି ଓ ଆର୍ଶୀବାଦ ଅର୍ପଣ ରହିଥିବା ଶରଣ ଶ୍ରୀକ୍ଷେତ୍ର ବିକାଶ ପରିଷଦ ପକ୍ଷରୁ ସୂଚନା ମିଳିଛି। ପ୍ରତ୍ୟେକ ଦିନ ଭକ୍ତମାନଙ୍କ ନିମନ୍ତେ ପ୍ରସାଦସେବନର ବ୍ୟବସ୍ଥା କରାଯାଇଛି।






## ଅଗ୍ନିପଥ ଯୋଜନାରେ ଅନଲାଇନ୍ ପଞ୍ଜୀକରଣ

**ଢେଙ୍କାନାଳ,୧୬।୨(ରତନ ନାୟାର)**

ଭାରତୀୟ ସେନାର ଅଗ୍ନିପଥ ଯୋଜନା ଏବଂ ନିୟମିତ କ୍ୟାଡର ପାଇଁ ୨୦୨୪ ବର୍ଷ ନିମନ୍ତେ ଅନ୍‌ଲାଇନ ସାଧାରଣ ପ୍ରବେଶିକା ପରୀକ୍ଷାର ପଞ୍ଜୀକରଣ ୧୩ ଫେବୃଆରୀରୁ ଆରମ୍ଭ ହୋଇଥିବା ବେଳେ ଏହା ମାର୍ଚ୍ଚ ୨୨ ପର୍ଯ୍ୟନ୍ତ ଚାଲିବ। ଯୋଗ୍ୟ ପ୍ରାର୍ଥୀ ୱେବସାଇଟ୍ ଜରିଆରେ ଏ ନେଇ ଆବେଦନ କରିପାରିବେ। ପଞ୍ଜୀକରଣ ଓ ଆବେଦନ ପ୍ରକ୍ରିୟା ବର୍ଣ୍ଣନା କରୁଥିବା ଭିଡିଓ ୱେବସାଇଟ୍‌ରେ ଉପଲବ୍ଧ ରହିଛି। ଆଶାୟୀମାନଙ୍କୁ ପ୍ରଥମେ ଅନଲାଇନ୍ ସାଧାରଣ ପ୍ରବେଶିକା ପରୀକ୍ଷା ଦେବାକୁ ପଡିବ। ଏହି ପରୀକ୍ଷାରେ ଯୋଗଦେବା ପାଇଁ ପରୀକ୍ଷାର୍ଥୀଙ୍କୁ ୨୫୦ ଟଙ୍କା ଦେୟ ଦେବାକୁ ହେବ। ୨୨ ଏପ୍ରିଲ ୨୦୨୪ରୁ ରାଜ୍ୟର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ଅନ୍‌ଲାଇନ ପରୀକ୍ଷା ଅନୁଷ୍ଠିତ ହେବ। ଅନ୍‌ଲାଇନ କମ୍ପ୍ୟୁଟର ଭିତ୍ତିକ ପରୀକ୍ଷା ସହିତ ପରୀକ୍ଷାର୍ଥୀଙ୍କୁ ପରିଚିତ କରାଇବା ପାଇଁ ୱେବସାଇଟ୍‌ରେ ଅଭ୍ୟାସ ମକ୍‌ଟେଷ୍ଟ ରହିଛି। ଆଶାୟୀମାନେ ନିକଟସ୍ଥ ସେନା ନିଯୁକ୍ତି କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିପାରିବେ ବୋଲି ସୂଚନା ଦିଆଯାଇଛି।

# ନିଶ୍ୱାର୍ଡ ପକ୍ଷରୁ ପ୍ରଥମ ସାଂସ୍କୃତିକ ମହୋତ୍ସବ



ନିଶ୍ୱାର୍ଡ ପକ୍ଷରୁ ପ୍ରଥମ ସାଂସ୍କୃତିକ ମହୋତ୍ସବ ଅବସରରେ ଅତିଥିଙ୍କ ସହ ପ୍ରମାଣପତ୍ର ଓ ପୁରସ୍କାର ପାଇଥିବା କଳାକାରମାନେ।

**ଢେଙ୍କାନାଳ,୧୬।୨(ରତନ ନାୟାର)**

ଢେଙ୍କାନାଳ ସଦର ବ୍ଲକ ଅନ୍ତର୍ଗତ ବାରଦା ଗ୍ରାମଠାରେ ଗତ ୧୦ ଓ ୧୧ ତାରିଖରେ ସାମାଜିକ ଅନୁଷ୍ଠାନ ନିଶ୍ୱାର୍ଡ ପକ୍ଷରୁ ପ୍ରଥମ ସାଂସ୍କୃତିକ ମହୋତ୍ସବ ଅନୁଷ୍ଠାନର ନିର୍ଦ୍ଦେଶକ ରୁଦ୍ର ନାରାୟଣ ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ମହିଳା ସଂକୀର୍ତ୍ତନ ମଣ୍ଡଳୀ, ନୃତ୍ୟ, ସଙ୍ଗୀତ କଳାକାରମାନଙ୍କ ପ୍ରତିଭାକୁ ବିକଶିତ କରିବା ଏହାର ଲକ୍ଷ୍ୟ। ମୁଖ୍ୟ ଅତିଥି ଭାବେ ବାରଦା ସରପଞ୍ଚ ଦୀପାଞ୍ଜଳି ନାୟକ, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ସରୋଜ କୁମାର ଶତପଥୀ, ସମିତିସଭ୍ୟା ସରିତା ସ୍ୱାଇଁ, ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ସ୍ୱାଇଁ, ଅବସରପ୍ରାପ୍ତ ଶିକ୍ଷକ ଦୁର୍ଗାଚରଣ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ସଂକୀର୍ତ୍ତନ ମଣ୍ଡଳୀର ମହିଳାମାନେ, ଶିଶୁ, ଜ୍ଞାନ ପ୍ରତିଯୋଗିତାର କଳାକାରମାନେ ସଂକୀର୍ତ୍ତନ, ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ। ଅନୁଷ୍ଠାନ ସଭାପତି ଅକ୍ଷୟ କୁମାର ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ ସହିତ ଅନୁଷ୍ଠାନର କଳାକାରମାନଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନ ସଦସ୍ୟା ପୁଷ୍ପଲତା ସାମଲ, ବିଚିତ୍ର ସ୍ୱାଇଁ, ମମତା ରାଜ, ସୋମବାରୀ ସେଠୀ, ଇନ୍ଦ୍ରଜିତ୍ ମହାରଣା, ସସ୍ମିତା ଦାସ ଓ ସଞ୍ଜୟ ନାୟକ ଉପସ୍ଥିତ ଥିଲେ। ବାରଦା, ଗେଙ୍ଗୁଟିଆ, ସଦାଶିବପୁର, ସିମିନଇ ଓ ଗଦାଶିଳା ଗ୍ରାମପଞ୍ଚାୟତ ତରଫରୁ ଶତାଧିକ ଗ୍ରାମବାସୀ ଯୋଗ ଦେଇଥିଲେ। ଜଗବନ୍ଧୁ ସ୍ୱାଇଁ ପରିଚାଳନା କରିଥିଲେ। ନିଶ୍ୱାର୍ଡ ଅନୁଷ୍ଠାନର ନିର୍ଦ୍ଦେଶକ ରୁଦ୍ର ନାରାୟଣ ଷଡଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।






# ଗ୍ରାମ୍ୟ କୃଷି କର୍ମଚାରୀଙ୍କ ଧାରଣା



ଗ୍ରାମ୍ୟ କୃଷି କର୍ମଚାରୀମାନେ ଧାରଣା ଦେଇଛନ୍ତି।

**ଢେଙ୍କାନାଳ,୧୬।୨(ରତନ ନାୟାର)**

୬ଦଫା ଦାବିରେ ଢେଙ୍କାନାଳ ଜିଲା ଗ୍ରାମ୍ୟ କୃଷି କର୍ମଚାରୀଙ୍କ ଆନ୍ଦୋଳନ ଜାରି ରହିଛି। ଶୁକ୍ରବାର ଗ୍ରାମ୍ୟ କୃଷି କର୍ମଚାରୀମାନେ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଏଥିସହିତ ଜିଲାର ସମସ୍ତ ଗ୍ରାମ୍ୟ କୃଷି କର୍ମଚାରୀ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସି ସରକାରଙ୍କ ପାଖରେ ତାଙ୍କର ଦାବି ଜଣାଇଥିଲେ। କ୍ୟାଡର ପୁନର୍ଗଠନ, ଗ୍ରେଡ୍ ପେ ବୃଦ୍ଧି, ପଦବୀର ନାମ ପରିବର୍ତ୍ତନ, ଲାପ୍‌ଟପ୍/ଟାବ୍‌ଲେଟ୍ ରିଚାର୍ଜ ଭାଉଚର ଯୋଗାଣ, ଶିକ୍ଷାଗତ ଯୋଗ୍ୟତା +୩ ବିଜ୍ଞାନକୁ ବୃଦ୍ଧି, ସାଇକେଲ୍ ଭତ୍ତା ପରିବର୍ତ୍ତେ ମୋଟର ସାଇକେଲ୍ ପାଇଁ ଭତ୍ତା ଯୋଗାଣ ଆଦି ଦାବି ନେଇ ଧାରଣା ଦେଇଛନ୍ତି। ଆସନ୍ତା ୧୯ ତାରିଖ ଭିତରେ ଦାବି ପୂରଣ କରା ନ ଗଲେ ୨୦ ତାରିଖ ଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଭୁବନେଶ୍ୱର କୃଷି ଭବନ ସମ୍ମୁଖରେ ଧାରଣା ଦିଆଯିବ ବୋଲି ସଂଘ ପକ୍ଷରୁ ଜଣାଇ ଦିଆଯାଇଛି। ସଂଘ ସଭାପତି ଶିଶିର କୁମାର ସାହୁ, ସମ୍ପାଦକ ଚିନ୍ମୟ ପଣ୍ଡା, ଉପସଭାପତି ମାନସ କୁମାର ଦୁଆରୀ, କୋଷାଧ୍ୟକ୍ଷ ମନୋଜ ମଞ୍ଜରୀ ଶତପଥୀଙ୍କ ସମେତ ଜିଲାର ସମସ୍ତ ଗ୍ରାମ୍ୟ କୃଷି କର୍ମଚାରୀ ଏହି ଧାରଣାରେ ସାମିଲ ଥିଲେ।




